# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21st August – 2026

**********************************

## ମୁଖ୍ୟ ସମ୍ବାଦ

- ପାରାଦ୍ୱୀପ ବନ୍ଦରରେ ୪୨୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ୍ ।

- ଏକ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ହିତାଧିକାରୀଙ୍କୁ ଆସନ୍ତା ରାକ୍ଷୀପୂର୍ଣ୍ଣିମାରେ ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ।

- ଓଡ଼ିଆ ଓ ହିନ୍ଦୀ ମଧ୍ୟରେ ଭାଷାଗତ ଓ ସାହିତ୍ୟିକ ଆଦାନ ପ୍ରଦାନ ଜାତୀୟ ଏକତାକୁ ସୁଦୃଢ଼ କରୁଛି; କହିଲେ ରାଜ୍ୟପାଳ ।

ଏବଂ

- ରାଜ୍ୟର ଆଇନ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣର ସମୀକ୍ଷା କଲେ ପୁଲିସ୍ ମହାନିର୍ଦ୍ଦେଶକ ।

*HS*

## ସୋନୋଓ୍ୱାଲ୍ - ପାରାଦ୍ୱୀପ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ୍' ପାରାଦ୍ୱୀପ ବନ୍ଦରରେ ଭିତ୍ତିଭୂମି ବିକାଶ, ପରିବେଶ ସୁରକ୍ଷା ଏବଂ କର୍ମଚାରୀ ସୁବିଧା ସମ୍ପର୍କିତ ୪୨୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ସୋନୋଓ୍ୱାଲ୍' ପ୍ରଶାସନିକ କାର୍ଯ୍ୟାଳୟ ଭବନରେ ଏକ ମଡେଲ୍ ରୁମ୍‌ର ଉଦ୍‌ଘାଟନ କରିଛନ୍ତି । ଏହା ବନ୍ଦରର ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଉନ୍ନତ ଯୋଜନା ଏବଂ ପ୍ରଦର୍ଶନରେ ସହାୟକ ହୋଇପାରିବ । ବନ୍ଦର ପରିସରରେ ଶ୍ରୀ ସୋନୋଓ୍ୱାଲ୍' ୧୦ ଲକ୍ଷତମ ଚାରାଗଛ ରୋପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୪୭ ମସିହା ସୁଦ୍ଧା ଦେଶର ସାମୁଦ୍ରିକ କ୍ଷେତ୍ର ବିକଶିତ ଏବଂ ଆତ୍ମନିର୍ଭର ଭାରତର ପେଣ୍ଟସ୍ଥଳୀ ଭାବେ ଉଭା ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

*Desk*

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ପଞ୍ଚମ କିସ୍ତି ଆସନ୍ତା ଶୁକ୍ରବାରଦିନ ରାକ୍ଷୀପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର

କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ । ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସୁଭଦ୍ରା ଯୋଜନାର ଅର୍ଥରାଶି ପ୍ରଦାନ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଏହି ପର୍ଯ୍ୟାୟରେ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଅର୍ଥରାଶି ପ୍ରଦାନ କରାଯିବ । ଏବାବଦରେ ୫ ହଜାର ୧୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର ସୁବିଧା ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ୍‌ଖାତାକୁ ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***Voice (Pravati Parida)*** :........

ବୈଠକରେ ହିତାଧିକାରୀଙ୍କ ତାଲିକା, ବ୍ୟାଙ୍କିଂ ବ୍ୟବସ୍ଥା ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି ।

***Desk***

## ରାଜ୍ୟପାଳ - ହିନ୍ଦୀଭାଷା

ହିନ୍ଦୀକୁ ଆଧୁନିକ ଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ଭାଷା ଭାବେ ବିକାଶ କରିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ ପାଟି କହିଛନ୍ତି । ଭୁବନେଶ୍ୱରଠାରେ ପ୍ରଥମ ଅନ୍ତର୍ଜାତୀୟ ସରକାରୀ ଭାଷା ବାର୍ଷିକ ସମ୍ମିଳନୀ ଓଡ଼ିଶ-୨୦୨୬ରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଭାଷା ସହିତ ଯୁବପିଢ଼ିଙ୍କ ଆକାଂକ୍ଷା ଯୋଡ଼ିହୋଇ ରହିଥାଏ ।

ହିନ୍ଦୀଭାଷାର ବିକାଶପାଇଁ ବିଶ୍ୱବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ଲେଖକମଣ୍ଡଳୀ ଓ ସମାଜକୁ ଏକତ୍ର କାର୍ଯ୍ୟ କରିବାକୁ ପଡ଼ିବ । ବିଜ୍ଞାନ, ଔଷଧ, ଆଇନ, ଅର୍ଥନୀତି, ପ୍ରଶାସନ ଏବଂ ଉଚ୍ଚଶିକ୍ଷାରେ ଗୁଣାତ୍ମକ ବିଷୟବସ୍ତୁକୁ ସରଳ ପ୍ରାମାଣିକ ହିନ୍ଦୀରେ ଉପଲବ୍ଧ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ । ଓଡ଼ିଆ ଓ ହିନ୍ଦୀ ମଧ୍ୟରେ ଭାଷାଗତ ଓ ସାହିତ୍ୟିକ ଆଦାନ ପ୍ରଦାନ ଜାତୀୟ ଏକତାକୁ ସୁଦୃଢ଼ କରିଥାଏ ବୋଲି ରାଜ୍ୟପାଳ କହିଛନ୍ତି ।

***Desk***

# ରାଜ୍ୟପାଳ - ସମୀକ୍ଷା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଆଜି ଭୁବନେଶ୍ୱରସ୍ଥିତ ସି.ଏସ୍.ଆଇ.ଆର୍. - ଆଇ.ଏମ୍.ଏମ୍.ଟି. ପରିଦର୍ଶନ କରି ପ୍ରତିଷ୍ଠାନର ବିଭିନ୍ନ ଗବେଷଣା ଓ ପ୍ରଯୁକ୍ତି ପ୍ରଦର୍ଶନ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ରାଜ୍ୟପାଳ ପି.ଜି. ଆଇ.ଏମ୍. ପାଇଲଟ୍ ପ୍ଲାଣ୍ଟ, ଖଣିଜ ପ୍ରକ୍ରିୟାକରଣ, ସ୍ଥାୟୀ ପୁନଃଚକ୍ରଣ କେନ୍ଦ୍ର ଏବଂ ଗଭୀର ସମୁଦ୍ର ପଲିମେଟାଲିକ୍ ନୋଡ୍ୟୁଲ୍ସ୍ ପୁନରୁଦ୍ଧାର ପ୍ଲାଣ୍ଟ୍‌କୁ ବୁଲି ଦେଖିଥିଲେ । ଖଣିଜ ପଦାର୍ଥ କ୍ଷେତ୍ରରେ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ସ୍ଥାୟୀ ସମାଧାନକୁ ପ୍ରୋତ୍ସାହିତ କରିବାପାଇଁ ପ୍ରତିଷ୍ଠାନର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ।

*Desk*

## ମୁଖ୍ୟମନ୍ତ୍ରୀ - ଲକ୍ଷ୍ମଣାନନ୍ଦ

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ' ଦୁର୍ଗମ ଅଞ୍ଚଳରେ ଶିକ୍ଷା, ସଂସ୍କାର, ନାରୀ ସଶକ୍ତୀକରଣ ଏବଂ ଜନଜାତୀୟ ପରମ୍ପରାର ସୁରକ୍ଷାପାଇଁ କାର୍ଯ୍ୟ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଅନୁଗୁଳ ଜିଲ୍ଲା ତାଳଚେରସ୍ଥିତ ଗୁରୁଜାଙ୍ଗଠାରେ ଆୟୋଜିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସନାତନ ସଂସ୍କୃତିର ସୁରକ୍ଷା ଓ ଅନ୍ତ୍ୟୋଦୟ ବିଚାରଧାରାର ପ୍ରସାରପାଇଁ ତାଙ୍କର ଜୀବନୀ ଦେଶର ଆତ୍ମାକୁ ସୁଦୃଢ଼ କରିଛି । ସ୍ୱାମିଜୀଙ୍କ ଆଦର୍ଶରେ ପ୍ରେରିତ ହୋଇ ସଂସ୍କୃତି ଓ ସନାତନୀ ପରମ୍ପରାର ସୁରକ୍ଷା ସହ ଏକ ସମୃଦ୍ଧ ଓ ସଂସ୍କାରପୂର୍ଣ୍ଣ ଓଡ଼ିଶା ଗଠନପାଇଁ ସଙ୍କଳ୍ପବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

***Voice (CM)*** :........

*Desk*

## ଉପମୁଖ୍ୟମନ୍ତ୍ରୀ - ବାରାଣସୀ

ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବାରାଣସୀସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ଆଞ୍ଚଳିକ କେନ୍ଦ୍ର -

ଆଇ.ଏସ୍.ଏ.ଆର୍.ସି. ପରିଦର୍ଶନ କରିଛନ୍ତି । ଏହି ସମୟରେ ଶ୍ରୀ ସିଂହଦେଓ ଆଇ.ଏସ୍.ଏ.ଆର୍.ସି.ର ଗବେଷଣା, ନବସୃଜନ ଏବଂ ବୈଷୟିକ ଜ୍ଞାନକୌଶଳ ଆଧାରିତ କୃଷି ପ୍ରଣାଳୀକୁ ଅନୁଧ୍ୟାନ କରିଥିଲେ । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକମାନଙ୍କପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଓ କୌଶଳ ବିକଶିତ କରିବାରେ ସେଠାକାର ବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ସ୍ଥାୟୀ କୃଷି ବିକାଶପାଇଁ ଆଇ.ଏସ୍.ଏ.ଆର୍.ସି.ର ସହଯୋଗକୁ ଅଧିକ ବ୍ୟାପକ କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

***Desk***

# ପୁଲିସ ସମୀକ୍ଷା ବୈଠକ

କଟକସ୍ଥିତ ରାଜ୍ୟ ପୁଲିସ୍ ମୁଖ୍ୟାଳୟଠାରେ ପୁଲିସ ମହାନିର୍ଦ୍ଦେଶକ-ଡି.ଜି.ପି. ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟର ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୁଲିସ ବ୍ୟବସ୍ଥା ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ସମସ୍ତ ରେଞ୍ଜ୍‌ର ଆଇ.ଜି. ଓ ଆରକ୍ଷୀ ଅକ୍ଷୀକ୍ଷକମାନେ  ଆଭାସୀ ଜରିଆରେ ଯୋଗ ଦେଇଥିଲେ । ବୈଠକରେ ଆଇନ ଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ, ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ, ଗୁରୁତ୍ୱପୂର୍ଣ୍ଣ ଅପରାଧର ସମୀକ୍ଷା, ଜନସାଧାରଣଙ୍କୁ ଉତ୍ତମ ପୁଲିସ୍ ସେବା ପ୍ରଦାନ ଏବଂ ବିଭିନ୍ନ ପ୍ରଶାସନିକ

ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ନାଗରିକଙ୍କୁ ଧୈର୍ଯ୍ୟର ସହ ଶୁଣିବା, ସମ୍ମାନଜନକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ଏବଂ ଅଭିଯୋଗର ନିରପେକ୍ଷ ଓ ତ୍ୱରିତ ତଦନ୍ତ ନିଶ୍ଚିତ କରିବାକୁ ଡି.ଜି.ପି. ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ହେବାକୁଥିବା ବିଭିନ୍ନ ପର୍ବପର୍ବାଣି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଆଗୁଆ ସୁରକ୍ଷା ପ୍ରସ୍ତୁତି, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଶାନ୍ତିକମିଟି ବୈଠକ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ଡି.ଜି.ପି. ନିର୍ଦ୍ଦେଶ ଦେଇଥିଲେ ।

***Desk***

## ସଞ୍ଚାର ବ୍ୟୁରୋ ସମ୍ମିଳନୀ

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ **"ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ଦ୍ୱାଦଶ ବର୍ଷ ପୂର୍ତ୍ତି ତଥା ହର୍ ଘର୍ ତିରଙ୍ଗା ଏବଂ ବିଭାଜନର ବିଭୀଷିକା"** ଶୀର୍ଷକ ତିନିଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି । ଏହି ଅବସରରେ କେନ୍ଦ୍ର ସରକାରଙ୍କ ଅନନ୍ୟ ଉପଲବ୍ଧି ସମ୍ପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ରଙ୍ଗେଇଲୁଣ୍ଡା ବ୍ଲକ୍ ଭାବିନୀପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ୱୟଂ

ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ନେଇ ସମାବେଶ ଅନୁଷ୍ଠିତ ହୋଇଯାଇଛି ।

*Deogarh/R*

## ରାଜସ୍ୱ ସମୀକ୍ଷା

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତାରେ ଜିଲ୍ଲାରେ ଜୁଲାଇ ମାସରେ ଧାର୍ଯ୍ୟ ଥିବା ବିଭିନ୍ନ ରାଜସ୍ୱ କର ଆଦାୟ ସଂକ୍ରାନ୍ତରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

*Nayagarh/R*

## ଭୀମଭୋଇ ସାମର୍ଥ୍ୟ ଶିବିର

ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ପି.ଏମ୍.ଶ୍ରୀ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଶିବିରରେ ବିଭିନ୍ନ ବିଭାଗର

ବିଶେଷଜ୍ଞଙ୍କ ଦ୍ୱାରା ପଞ୍ଜୀକରଣ କରିଥିବା ୧୨୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

***Sambalpur/R***

# ଆତ୍ମରକ୍ଷା ପ୍ରଶିକ୍ଷଣ

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ପକ୍ଷରୁ ଛଅଦିନିଆ ମୌଳିକ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ମୌଳିକ କୌଶଳ ସହିତ ବିପଦପୂର୍ଣ୍ଣ ପରିସ୍ଥିତି ଚିହ୍ନଟ କରିବା, ଆବଶ୍ୟକ ସମୟରେ ନିଜକୁ ସୁରକ୍ଷିତ ରଖିବାର ବ୍ୟାବହାରିକ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ।

***Kendrapara/R***

# ରାଷ୍ଟ୍ରୀୟ ଲୋକ ଅଦାଲତ

ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟ ସମେତ ଜିଲ୍ଲାର ବିଭିନ୍ନ ଅଦାଲତରେ ଆସନ୍ତାମାସ ୧୨ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଷ୍ଠିତ ହେବ । ଏଥିରେ ଆପୋଷ ବୁଝାମଣା ମାଧ୍ୟମରେ ବିଚାରାଧୀନ ମାମଲାଗୁଡ଼ିକର ସମାଧାନ କରାଯିବ ।

***Keonjhar/R***

## ଇସ୍ପାତ ପ୍ରକଳ୍ପ - ଗ୍ରାମସଭା

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅନ୍ତର୍ଗତ ପ୍ରସ୍ତାବିତ ସମନ୍ୱିତ ଇସ୍ପାତ ପ୍ରକଳ୍ପପାଇଁ ଚିହ୍ନଟ ହୋଇଥିବା ସମସ୍ତ ୧୨ଟି ଗ୍ରାମରେ ଗ୍ରାମସଭା ଶେଷ ହୋଇଛି । ଗ୍ରାମସଭା ଶେଷ ହେବା ପରେ ଜମି ଅଧିଗ୍ରହଣ, ପୁନର୍ବାସ ଓ ସ୍ଥାନାନ୍ତରଣ କ୍ଷେତ୍ରରେ କ୍ଷତିପୂରଣ ଆଦିର ବ୍ୟବସ୍ଥା, ଆଇନଗତ ପ୍ରକ୍ରିୟା ମାଧ୍ୟମରେ ଆରମ୍ଭ ହୋଇଛି ।

***Malkangiri/R***

## ଦକ୍ଷତା କେନ୍ଦ୍ର

ମାଲକାନଗିରି ମୁଦୁଲିପଡ଼ାସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଜନଜାତୀୟ ଦକ୍ଷତା କେନ୍ଦ୍ର' ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ୨୦ ଜଣ

ବଣ୍ଡା ମହିଳାଙ୍କୁ ନେଇ ମାଳି ଓ ଗହଣା ତିଆରି ଶିଳ୍ପ ବିଷୟରେ ଦକ୍ଷତା ତାଲିମ୍ ପ୍ରଦାନ କରାଯାଇଛି ।

***Nuapada/R***

## ଷ୍ଟାର୍ଟଅପ୍ ଓଡ଼ିଶା

ନୂଆପଡ଼ ଜିଲ୍ଲା ସିନାପାଲି ଡିଗ୍ରୀ କଲେଜ ପରିସରରେ ଜିଲ୍ଲା ଶିଳ୍ପକେନ୍ଦ୍ର ଏବଂ ଏମ୍.ଏସ୍.ଏମ୍.ଇ. ବିଭାଗର ମିଳିତ ଆନୁକୂଲ୍ୟରେ ସଚେତନ ଓ ଷ୍ଟାର୍ଟଅପ୍ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୁବବର୍ଗଙ୍କପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କର୍ମସଂସ୍ଥାନ ସଂକ୍ରାନ୍ତରେ ଗୁରୁତ୍ୱାରୋପ କରାଯାଇଛି ।

***Deogarh, Nayagarh/R***

## ଏସ୍.ଆଇ.ଆର୍.

ଦେବଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍.ଆଇ.ଆର୍. ସଂକ୍ରାନ୍ତରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଦାବି ଓ ଆପତ୍ତିର ଫଏସଲା ପରେ

ଆସନ୍ତାମାସ ୨୧ ତାରିଖରେ ଚୂଡ଼ାନ୍ତ ମତଦାତା ତାଲିକା ପ୍ରକାଶ କରାଯିବ ବୋଲି ବୈଠକରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ସେହିପରି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ସଭାଗୃହରେ ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍‌ସ୍ତରୀୟ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏସ୍.ଆ.ଆର୍. ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଯାଇଛି ।

***Kalahandi/R***

# ବିଦ୍ୟାଳୟ ଚକ୍ଷୁସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଦ୍ୟାଳୟ ଚକ୍ଷୁସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ସମସ୍ତ ସରକାରୀ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଓ ମାଗଣା ଚଷମା ବଣ୍ଟନପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ।

*Desk*

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

******